# ଘୁମୁରା

ପିଟ ଏମିତି
ଜୋରଦାର ପିଟ
ଉଧାରୀ ପ୍ରେମକୁ
ଦରଭଙ୍ଗା ପ୍ରେମିକ
ଅଧାମଲା ବାପକୁ
ଅଯାଚିତ ପିଣ୍ଡ
ଭୋକିଲା ଛୁଆକୁ
ପାଳିତା ମାଆ
ଏଭଳି ମୋତେ
କୋଶଳେ ପିଟ ।।୧

ଦଶ ଅଙ୍ଗୁଳିର
ଭିନ୍ନ ମୋଡରେ
ଖୋଲେ ମୁଁ
ଭିନ୍ନ ବାଟ
ଗୋଟାଏ ବାଟରେ
ବାଜେ ବଂଶୀ,
ଯମୁନାନାଦ
ନାଚେ ରାଧା,
ସଖୀ, କୃଷ୍ଣ
ରହେ ସାଖୀ ବୃକ୍ଷ
ଏକାନ୍ତ ନିର୍ଜନ କୋଳାହଳ ।।୨

ଅନ୍ୟ ବାଟରେ
ଆସେ ରାଜା,
ପ୍ରଜା, ଦୁଃଖ
ଶୋଇଲା ଦିନର ମହକ
ଜମାନା କମ୍ପୁଟର ଗୀତ
କୁଆଁରୀ ଦଶରା ଶୀତ ।।୩

ରାଧେ, ରାଧେ, ରାଧେ
ଡାକି ହିଁ ପିଟ
କୁଆଡେ ସେ' ପିଟିଥିଲା
ପ୍ରଥମେ ମୋତେ
ଦଦରା ପୁରୁଷପଣ ପାଇଁ
ଅଧୁନା ପିଟନ୍ତି ମୋତେ
ଆଗନ୍ତୁକ ବାବୁଙ୍କ
ଘଟଣା ଘଟିବା ପାଇଁ
ରାତ୍ରିର କବଚ
ସାଂସ୍କୃତିକ କାର୍ଯ୍ୟକ୍ରମ ନେଇ ।।୪

ମୋତେ ପିଟିଲେ
ଖୁସି ବେଶୀ ମୋର
ଏଣୁକି ମୋ ଯନ୍ତ୍ରଣା କରେ
ଲୋକଙ୍କ ଦୁଃଖ ଦୂର
ବର୍ଷ ବର୍ଷ ଏପରି ମୋତେ
ପିଟୁଥାଉ ମଣିଷ
ମୋ ସୁରରେ ନାଚୁ
ହସୁ, କାନ୍ଦୁ
ଚିରଞ୍ଜିବୀ ହୋଇ
ତା' ଜୀବକୋଷ ।।୫

ଦିଗମ୍ବର ପାତ୍ର